

୧୯ ବର୍ଷ ● ୬ଷ୍ଠ ସଂଖ୍ୟା ● ଡିସେମ୍ବର ୨୦୧୮

**ପ୍ରଥମ ପ୍ରସଙ୍ଗ:** ପ୍ରେମ, ପରିଣୟ ଓ ପରାକାଷ୍ଠା
**ହକି ସ୍ୱତନ୍ତ୍ର:** ଲିଲିମା: ଓଡ଼ିଶା ହକିର ଲାଲିମା
**ହକି ସ୍ୱତନ୍ତ୍ର:** ହକିର ସୌରଭ, ଓଡ଼ିଶାର ଗୌରବ
**ଭ୍ରମଣ କାହାଣୀ:** ମୋ ଝର୍କାରୁ ପୃଥିବୀ
**କାଳଜୟୀ:** ଅଖିଳମୋହନ ପଟ୍ଟନାୟକ
**ସାହିତ୍ୟ :** ୩ଟି ମନନଶୀଳ ଗଳ୍ପ, ୪ଟି କବିତା
**ନିୟମିତ :** ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

## ପ୍ରଥମ ପ୍ରସଙ୍ଗ : ପ୍ରେମ, ପରିଣୟ ଓ ପରାକାଷ୍ଠା (ତୃତୀୟ ଭାଗ)

### ଲେଖିକା : ଇତି ସାମନ୍ତ

ମାନବଙ୍କଠାରୁ ଦେବତାଙ୍କ ସ୍ଥାନ ବହୁ ଉଚ୍ଚରେ। ସେମାନଙ୍କ ଜୀବନଶୈଳୀ ମାନବଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଧରଣର। ତୁମେ ଯଦି ଦେବତାଙ୍କୁ ବିବାହ କରିବ ତେବେ ତୁମର ଜୀବନ ଶୈଳୀ ମଧ୍ୟ ସଂପୂର୍ଣ୍ଣ ଭିନ୍ନ ଧରଣର ହେବ। ଭିନ୍ନ ଧରଣର ହେବ ତୁମର ଚାଲିଚଳଣ, ବସ୍ତ୍ର, ଅଳଙ୍କାର, ସାଜସଜ୍ଜା ଆଦି। ଅତ୍ୟନ୍ତ ଆକର୍ଷଣୀୟ ହେବ ସେ ସବୁ। ସର୍ବୋପରି ଦୁଃଖର ଲେଶମାତ୍ର ରହିବ ନାହିଁ ତୁମ ଜୀବନରେ। ଜୀବନରେ ସମସ୍ୟା କ'ଣ ତାହା ତୁମେ ଜାଣିବାକୁ ପାଇବ ନାହିଁ। ଜୀବନ ତୁମର ଭରିଯିବ କେବଳ ସୁଖ ଆଉ ସୁଖରେ। ତୁମଭଳି ନାରୀ ରତ୍ନଙ୍କର ସେସବୁ ପ୍ରାପ୍ୟ ମଧ୍ୟ।

## ହକି ସ୍ୱତନ୍ତ୍ର:

### ଲିଲିମା: ଓଡ଼ିଶା ହକିର ଲାଲିମା

ଓଡ଼ିଶା ହକିର ସ୍ୱର୍ଣ୍ଣିମ ଆଭା ତଥା ଅନ୍ତର୍ଜାତୀୟ ହକି ତାରକା ଲିଲିମା ମିଞ୍ଜ୍ ହେଉଛନ୍ତି ଭାରତୀୟ ମହିଳା ହକି ଦଳର ପ୍ରମୁଖ ଖେଳାଳି। ଅନେକ ଉଲ୍ଲେଖନୀୟ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତୀୟ ଦଳ ପାଇଁ ଖେଳି ସେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ୨୦୧୧ରେ ଲିଲିମା ଆର୍ଜେଣ୍ଟିନାରେ ଅନୁଷ୍ଠିତ ଏକ ଚତୁଃଦେଶୀୟ ପ୍ରତିଯୋଗିତାରେ ପ୍ରଥମେ ପଦାର୍ପଣ କରି ଭାରତୀୟ ବରିଷ୍ଠ ଦଳ ପାଇଁ ଖେଳିଥିଲେ। ସେବେଠାରୁ ୨୦୧୮ ମାର୍ଚ୍ଚ ପର୍ଯ୍ୟନ୍ତ ସେ ଶହେରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଭାରତ ପାଇଁ ଖେଳି ନିଜର ସ୍ଥିତିକୁ ଜାହିର କରିସାରିଲେଣି। ଦେଶ ପାଇଁ ଖେଳୁଥିବା ଲିଲିମା ରେଳ ବିଭାଗର ପଶ୍ଚିମାଞ୍ଚଳ (ୱେଷ୍ଟର୍ଣ୍ଣ ଜୋନ୍)ରେ ମୁଖ୍ୟ ଟିକେଟ୍ ନିରୀକ୍ଷକ ପଦବୀରେ ମୁମ୍ବାଇରେ କାର୍ଯ୍ୟ କରୁଛନ୍ତି। ଆସନ୍ତୁ ଜାଣିବା ଲିଲିମାଙ୍କ ସଂଘର୍ଷର କଥା, ହକିକୁ ଆସିବାର କଥା ତାଙ୍କରି ମୁହଁରୁ। ସାକ୍ଷାତ ଓ ଉପସ୍ଥାପନା: କେଦାର ପୃଷ୍ଟି

### ଭାରତୀୟ ହକିଦଳର ନେତୃତ୍ୱ ନେବା ଏକ ଅନନ୍ୟ ଅନୁଭବ: ଦିଲୀପ ତିର୍କି

ହକି ଓ ଓଡ଼ିଶା କଥା ଆସିଲେ ଯାହାଙ୍କ ନାମ ପ୍ରଥମେ ସାମ୍ନାକୁ ଆସେ, ସେ ହେଉଛନ୍ତି ପଦ୍ମ ଶ୍ରୀ ଦିଲୀପ ତିର୍କି। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ, ପୂର୍ବତନ ରାଜ୍ୟସଭା ସାଂସଦ, ଅର୍ଜୁନ ପୁରସ୍କାର ପ୍ରାପ୍ତ ତଥା ଓଡ଼ିଶାର ଗର୍ବ ଓ ଗୌରବ ପଦ୍ମ ଶ୍ରୀ ଦିଲୀପ ତିର୍କିଙ୍କୁ ଓଡ଼ିଶା କ୍ରୀଡ଼ା ଜଗତର ପ୍ରତୀକ କହିଲେ ଅତ୍ୟୁକ୍ତି ହେବନାହିଁ। ହକି ଖେଳର ଜୀବନ ମଧ୍ୟରେ ଶ୍ରୀ ତିର୍କି ମୋଟ୍ ୪୧୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ତାହା ହେଉଛି ଭାରତର ସର୍ବାଧିକ ତଥା ବିଶ୍ୱର ଦ୍ୱିତୀୟ ସର୍ବାଧିକ ଅନ୍ତର୍ଜାତୀୟ ହକି ମ୍ୟାଚ୍ ଖେଳିବାର ଗୌରବ ଅର୍ଜନ। ଏକମାତ୍ର ଆଦିବାସୀ ଖେଳାଳି ଭାବେ ସେ ଭାରତକୁ ତିନିଟି ଅଲମ୍ପିକ୍ସରେ ପ୍ରତିନିଧିତ୍ୱ କରିଛନ୍ତି। ସାକ୍ଷାତ ଓ ଉପସ୍ଥାପନା: ଇତି ସାମନ୍ତ

### ହକିର ସୌରଭ ଓଡ଼ିଶାର ଗୌରବ

ବିଶ୍ୱ ହକି ଜଗତରେ ଓଡ଼ିଶା ନିଜସ୍ୱ ଏକ ପରିଚୟ ସୃଷ୍ଟି କରିସାରିଛି। ବହୁ ବିଶ୍ୱସ୍ତରୀୟ ହକି କ୍ରୀଡ଼ାବିତଙ୍କ ସୃଷ୍ଟି ପାଇଁ ହେଉ ଅବା ହକିର ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମମାନ ସଫଳତାର ସହ ଆୟୋଜନ ପାଇଁ ହେଉ, ଓଡ଼ିଶା ଏବେ ହକିର ପେଣ୍ଠସ୍ଥଳ ପାଲଟି ସାରିଛି। ହକି ବିଶ୍ୱକପ୍ ଆୟୋଜନ ଏଥିରେ ଏକ ନୂଆ ଫର୍ଦ ଯୋଡ଼ିଛି। ସେହିଭଳି ଓଡ଼ିଶାରେ ଜନ୍ମିତ ବହୁ ହକି ଖେଳାଳି ସେମାନଙ୍କ ପ୍ରତିଭା ବଳରେ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ପାଇ ନିଜ ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ହକି ଖେଳାଳିଙ୍କ ତାଲିକା ବେଶ୍ ଲମ୍ବା। ହକିର ସୌରଭ ଓ ଓଡ଼ିଶାର ଗୌରବ ସେହିଭଳି କିଛି ପ୍ରମୁଖ ହକି ତାରକାଙ୍କୁ ନେଇ 'କାଦମ୍ବିନୀ'ର ଏହି ଉପସ୍ଥାପନା। ଉପସ୍ଥାପନା: ଅମିତାଭ ଖିଲାର

## ହକି ମହାକୁମ୍ଭ

### ଲେଖକ : ସାର୍ଥକ ପ୍ରଧାନ

ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ଆଜି ଚର୍ଚ୍ଚାରେ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି ପୁରୁଷ ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣ। ନଭେମ୍ବର ୨୮ରୁ ଆରମ୍ଭ ହୋଇଥିବା ବିଶ୍ୱ ହକିର ଏହି ମହାକୁମ୍ଭ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବିଶ୍ୱର ୧୬ଟି ଦେଶର ହକି ଖେଳାଳି, କ୍ରୀଡ଼ା ଅଧିକାରୀ, କ୍ରୀଡ଼ା ପ୍ରଶଂସକ ଓ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ ଘଟିଛି ଭୁବନେଶ୍ୱରରେ। ଏଥିପାଇଁ ଭୁବନେଶ୍ୱର ବି ସଜେଇ ହୋଇ ଅତିଥି ଅଭ୍ୟାଗତଙ୍କୁ ସ୍ୱାଗତ କରୁଛି। ଏହି ଅବସରରେ ହକିକୁ ନେଇ ଏକ ସ୍ୱତନ୍ତ୍ର ଆଲେଖ୍ୟ।

## ଓଡ଼ିଶା ହକିର ଆଉ ଏକ ନୂଆ ଠିକଣା: କିଟ୍ ହକି ଷ୍ଟାଡ଼ିୟମ୍

ଓଡ଼ିଶାରେ ରହିଛି ମୋଟ୍ ଚାରିଟି ହକି ଟର୍ଫ ପଡ଼ିଆ। ଦୁଇଟି କଳିଙ୍ଗ ଷ୍ଟାଡ଼ିୟମରେ, ଗୋଟିଏ ପାନ୍‌ପୋଷରେ ଏବଂ ଅନ୍ୟଟି କିଟ୍ ହକି ଷ୍ଟାଡିୟମ। ଏଥିମଧ୍ୟରୁ ପାନ୍‌ପୋଷ ଷ୍ଟାଡିୟମ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ହୋଇ ନ ଥିବାବେଳେ ବାକି ତିନୋଟି ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ। ଓଡ଼ିଶା ହକିର ଗର୍ବ ଗୌରବ କଳିଙ୍ଗ ଷ୍ଟାଡ଼ିୟମ ପରେ ଏବେ କିଟ୍ ହକି ଷ୍ଟାଡ଼ିୟମ ଓଡ଼ିଶା ହକିର ଆଉ ଏକ ନୂଆ ଠିକଣା ପାଲଟିଛି। ହକି ଖେଳାଳିଙ୍କ ପାଇଁ ନୂଆ ଏକ ଆଶା ସୃଷ୍ଟି କରିଛି ଏହି ଷ୍ଟାଡିୟମ। ଏ ସଂପର୍କରେ ଆସନ୍ତୁ ଜାଣିବା।

## କାଳଜୟୀ:

## ଅଖିଳମୋହନ ପଟ୍ଟନାୟକ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ଅଖିଳମୋହନ ପଟ୍ଟନାୟକ ଜଣେ ଯଶସ୍ୱୀ ସ୍ରଷ୍ଟା। ତାଙ୍କ ଗଳ୍ପ ମାନବୀୟ ସମ୍ବେଦନଶୀଳତାକୁ ବୁଝି ମନୋଜ୍ଞଭାବେ ଶବ୍ଦରେ ରୂପ ପାଇଥାଏ। ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ତାଙ୍କ ଗଳ୍ପମାନଙ୍କର ଗୁଣାତ୍ମକତା ତାଙ୍କୁ ଜଣେ କାଳଜୟୀ ଲେଖାଳିର ଅମରତ୍ୱ ପ୍ରଦାନ କରିଛି। ଯଥାର୍ଥରେ ସେ 'ଓ ଅନ୍ଧଗଳି' ଗଳ୍ପ ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଦ୍ୱାରା ପୁରସ୍କୃତ। ଆଜିର କାଳଜୟୀ ସ୍ତମ୍ଭରେ ସେହି 'ଓ ଅନ୍ଧଗଳି' ଗଳ୍ପ ସଂକଳନର ପ୍ରଥମ ଗଳ୍ପ 'ଡିମିରିଫୁଲ'କୁ ପାଠକମାନଙ୍କର ପଠନ ପାଇଁ ବାଢ଼ି ଦେଉଛୁ। ଅଦେଖା ଡିମିରିଫୁଲର ପ୍ରତୀକରେ ସେ ବାହାରକୁ ଖୁସୀ ଜଣାପଡୁଥିବା ଜଣେ ଅଭିଜାତ ଦମ୍ପତିଙ୍କ ଅଦୃଶ୍ୟ ମନୋବେଦନାକୁ ଉକ୍ତ ଗଳ୍ପରେ ଉପସ୍ଥାପିତ କରିଛନ୍ତି। ଏହି ଗଳ୍ପକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ଆଲୋଚକ ଡ.ମଣୀନ୍ଦ୍ର କୁମାର ମେହେର। କେବଳ ଧନଦୁଃଖି ଲୋକର ଅଭାବ ନ ଥାଏ। ଧନସୁଖି ଲୋକର ବି ଅଭାବ ଥାଏ। ଆଉ ସେହି ଅଭାବ କେତେ ମର୍ମନ୍ତୁଦ ତାହା ଆପଣମାନେ ଏହି 'ଡିମିରିଫୁଲ' ଗଳ୍ପକୁ ପଢ଼ିବା ପରେ ଜାଣି ପାରିବେ। ତେବେ ଆଉ ବିଳମ୍ବ କାହିଁକି ? ଆସନ୍ତୁ ପଢ଼ିବା। **– ସମ୍ପାଦିକା**

## ଗଳ୍ପ : 'ଡିମିରିଫୁଲ'

## ଅଖିଳମୋହନ ପଟ୍ଟନାୟକ

ଖୁବ୍ ଦ୍ରୁତଗତିରେ ଗୋଟିଏ ଅତି ଦୀର୍ଘ କୃଷ୍ଣକାୟ ଗାଡ଼ି ପୋର୍ଟିକୋ ତଳକୁ ପଶିଆସି ବ୍ରେକ୍ ଦେଲା। ମୋର ମନେହେଲା, ମୁଁ ଯେପରି ଜଙ୍ଗଲରେ ପଥଭ୍ରଷ୍ଟ ହୋଇଥିବା ସେଇ କଟୁଆଳ ପୁତ୍ର। ଯିଏ ଏକ ନିଶ୍ଚିତ ଆଶ୍ରୟର ସନ୍ଧାନରେ ପ୍ରତାରିତ ହୋଇ ଦୈତ୍ୟର ଗୁମ୍ଫାରେ ଆଶ୍ରୟ ନେଇଛି।

## ଗଳ୍ପ : ଇଚ୍ଛାପତ୍ର

## ଲେଖିକା: ଝୁମ୍‌ଝୁମ୍ ନାୟକ

ବୋଉର ପେଟ ବେମାରୀଟା ଏବେକୁ ବେଶୀ ବଢ଼ିଗଲାଣି। ବଡ଼ଭାଇଙ୍କୁ କହିବି ବାପା ଭଲ ହେଇଗଲେ ବୋଉକୁ ନେଇ ବଡ଼ଡାକ୍ତର ଦେଖେଇବେ।  ରୁବି ଖାଇବା ନେଇ ଚାଲିଗଲାଣି; ମାତ୍ର ମନରେ ମୋ'ର ଦୁର୍ଭାବନାଗୁଡ଼ା ଗୁଡ଼େଇହେଇ ପଶୁଛନ୍ତି। ଅପାକୁ ଭାଉଜମାନଙ୍କ ପରି ସେ କ'ଣ ଅବିଶ୍ୱାସ କରିବ ! ନା ନା ଅପାର ଲିପାପୋଛା ମନ ଉପରେ ଆଉ ମାଟି ନେଶିବାର ମାନେ କିଛି ନାହିଁ।

## ଗଳ୍ପ : ରଜ ଶାଢ଼ି

## ଲେଖକ: ପ୍ରଦ୍ୟୁମ୍ନ ପଟ୍ଟନାୟକ

ସତରେ ପ୍ରଥମ ରଜ ଦିନ ନଳିନୀ ଅନିମା ଦେଇଥିବା ଶାଢ଼ିରୁ ଗୋଟିଏ ପିନ୍ଧି  ଆସିଥିଲା। ଫିକା ଗୋଲାପୀ ରଙ୍ଗର ଶାଢ଼ିଟା ତାକୁ ଭଲ ମାନୁଥିଲା। ତରବର ହୋଇ କାମପାଇଟି ସାରି ଫେରିବା ବେଳେ କହିଗଲା, ମା' ମୁଁ କାଲି ଆସିବିନି ଛୁଆଙ୍କୁ ରଜବଜାର ବୁଲେଇ ନେବି। ହଁ ଭରିଲେ ଅନିମା। ରଜପର୍ବ ଥିଲାଠୁ ନଥିଲାଯାଏ ସବୁ ମଉଜ କରୁଛନ୍ତି। ପିଲାମାନେ ତା'ର ଚାହିଁ ବସିଥିବେ। ଦିନେ କାମରୁ ଛୁଟି ନେଇ ମା' ତାଙ୍କୁ ସଜକରି ବଜାର ବୁଲେଇନେବ। ଦୋଳି ଖେଳାଇବ, ତା' ସାମର୍ଥ୍ୟ ଅନୁଯାୟୀ କଳା, କୁଙ୍କୁମ, ପାଉଡ଼ର କିଣିଦେବ ପୁଣି ଘରକୁ ଆସିବା ବେଳେ ଗୁପ୍‌ଚୁପ୍ କି ଦହିବରା ଆଳୁଦମ୍ ଖୁଆଇବ।

## ଗଳ୍ପ: ବ୍ୟଥିତ ମାତୃତ୍ୱ

## ଲେଖକ : ଶରତ କୁମାର ଦାସ

ଏଥର ସେ ଝରକାର ସ୍କ୍ରିନ୍‌ଟେକି ବାହାରକୁ ଚାହିଁଲେ। ଭାରାକ୍ରାନ୍ତ ମନ ନେଇ ସେ ଗଭୀର ଭାବେ ଉଦ୍‌ବିଗ୍ନ ଥିଲେ। ସେ ଜନନୀ ହୋଇନାହାନ୍ତି ବୋଲି ନୁହେଁ ହେଲେ ମାତୃତ୍ୱର ଗଭୀର ଆଶ୍ଳେଷତାକୁ ଯାହା ଅନୁଭବ କରି ପାରିନାହାନ୍ତି। ଆଭିଜାତ୍ୟ ଓ ପ୍ରାଚୁର୍ଯ୍ୟର ଅହମିକାରେ ସେ ଯେମିତି ତାଙ୍କ ପୁତ୍ର ପ୍ରତି କର୍ତ୍ତବ୍ୟକୁ କୁଠାରଘାତ କରିଛନ୍ତି। ଆଜି ସେ ନିଜ ପୁଅକୁ ଯେଉଁ ଟିକେ ସ୍ନେହ ମମତା ଦେଇ ପାରିନଥିବାରୁ ଯନ୍ତ୍ରଣାରେ ଛଟପଟ ହଉଛନ୍ତି ସତେ ଯେମିତି ସେ ଯନ୍ତ୍ରଣାର କ୍ଷତ ତାଙ୍କ ମନ ଭିତରୁ ଶୁଖିବନି। ଓହୋ ! ସେ ମା'ତ ନଥିଲେ। ଏପରିକି ବିମାତାଠାରୁ ଥିଲେ ଅଧିକ ନିର୍ଦ୍ଦୟା। ଜନ୍ମିତ ପୁଅକୁ ନିଜ କ୍ଷୀର ଟୋପେ ଦେଇ ପାରି ନ ଥିଲେ। ଛାତିରେ ଜାବୁଡ଼ି ଧରି ଘଣ୍ଟାଘଣ୍ଟା ଗେଲ କରି ପାରିନଥିଲେ। ତା'ର ଶୁଭ ମନାସି ଈଶ୍ୱରଙ୍କ ପାଖରେ ଗୋଟିଏ ଦିନପାଇଁ ବି ଦୀପ ଜାଳିନଥିଲେ। ସତରେ ସେ କ'ଣ ସୁବ୍ରତର ମା' ହବାକୁ ଯୋଗ୍ୟ ଥିଲେ ? ନିଜକୁ ନିଜେ ବାରମ୍ବାର ଧିକ୍‌କାରୁ ଥିଲେ ସେ।

## କବିତା

ଏଥର କବିତାରେ ରହିଛି: ମନୋଜ ମେହେରଙ୍କ 'ପତ୍ନୀ:ପ୍ରିୟତମା ଅନ୍ୱେଷାର ଭିନ୍ନ ଏକ ନାଁ', ତୁହିନାଂଶୁ ରଥଙ୍କ 'କପେ ଗରମ ଚା'', ବୈକୁଣ୍ଠନାଥ ସାହୁଙ୍କ 'ବନଜ ନୟନା' ଏବଂ ଦେବାଶିଷ ଚକ୍ରବର୍ତ୍ତୀଙ୍କ 'ପେନ୍ସାଏ ସ୍ୱରଲିପି'।

## ଭ୍ରମଣ କାହାଣୀ: ମୋ ଝର୍କାର ପୃଥିବୀ (୧୭)

## ଲେଖିକା : ସୁସ୍ମିତା ବାଗ୍‌ଚୀ

ଭ୍ରମଣ କାହାଣୀ 'ମୋ ଝର୍କାରୁ ପୃଥିବୀ' ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ଧାରାବାହିକ ଭାବରେ 'ସୁଚରିତା'ରେ ପ୍ରକାଶ ପାଇ ଲୋକପ୍ରିୟ ହୋଇଥିଲା। ପରେ ଏହାର ଦ୍ୱିତୀୟ ଭାଗ ଲେଖିବା କଥା ମୋତେ ଅନେକ ପାଠକ ପାଠିକା କହିଥିଲେ। ବିଭିନ୍ନ କାରଣରୁ ତାହା ଆଉ ସମ୍ଭବ ହୋଇପାରି ନ ଥିଲା। ମୋର ମନେହୁଏ ସବୁ ପାଇଁ ଗୋଟିଏ ଉପଯୁକ୍ତ ସମୟ ଥାଏ। ଏବେ କଲମ ଧରିଲେ 'ମୋ ଝର୍କାରୁ ପୃଥିବୀ' ଲେଖିବା ପାଇଁ ନିଜ ଭିତରୁ ଏଭଳି ଆଗ୍ରହ ଆସୁଛି ଯେ, ତାକୁ ମୁଁ ଆଡ଼େଇ ଦେଇ ପାରୁନାହିଁ। ଆଶା କରୁଛି, ପ୍ରଥମ ଭାଗ ଭଳି 'କାଦମ୍ବିନୀ'ରେ ପ୍ରକାଶିତ ଦ୍ୱିତୀୟ ଭାଗଟି ମଧ୍ୟ ପାଠକ ପାଠିକାଙ୍କୁ ଭଲ ଲାଗିବ। - ଲେଖିକା

## ପୁସ୍ତକ ପରିକ୍ରମା:

ଏ ମାସର ପୁସ୍ତକ ପରିକ୍ରମାରେ ଅଛି: ଶ୍ରେଷ୍ଠ ଗଳ୍ପ, ନୀରବତାର ଚିତ୍ରାଙ୍କନ, ସେପାଖେ ଆକାଶ ନୀଳ, ଆଚରଣରେ ଶ୍ରୀଜଗନ୍ନାଥ, ଅସତୀ, ତୁମ ଆଖି, ଗୀତି ନୈବେଦ୍ୟ ଓ ଭୋକ।

## ରାଶିଗଣନା ଓ ତିଥି-ବାର-ବେଳା

ଡିସେମ୍ବର ମାସର ରାଶିଫଳ ସାଙ୍ଗକୁ ଡିସେମ୍ବର ଓ ଜାନୁଆରୀ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ମନୋରଞ୍ଜନ

ଏ ମାସରେ ମନୋରଞ୍ଜନ ପୃଷ୍ଠାରେ ରହିଛି: ଲଭ୍ ଏକ୍ସପ୍ରେସ୍, ତୁ ମୋ ସୁନାଚଢ଼େଇ, ଜୋର୍ କା ଝଟ୍‌କା, ଜିରୋ, କେଦାରନାଥ ଓ ତଖ୍ତ।

## ଚଳନ୍ତିକା

ଏ ମାସରେ ଚଳନ୍ତିକା ପୃଷ୍ଠାରେ ରହିଛି: କିଟ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ମୃତି ତୁମେ ଅକ୍ଷୟ, ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ, ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ, ଦୂରଦର୍ଶୀ ଯୁବ ସାହିତ୍ୟ ସମାରୋହ ଓ ଏଇ ଆମରି ଗାଁ।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି: ଆମ୍ବୁଲ ଚାରୁ, କାଗେଜିଲେମ୍ବୁ ଚାରୁ, ଟମାଟୋ ଚାରୁ, ତେନ୍ତୁଳି ଚାରୁ, ଚହ୍ଲା ଚାରୁ ଓ କୋଳଥ କଟ୍‌ଲେଟ୍।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ-ସୌନ୍ଦର୍ଯ୍ୟ : ଜାପାନିଜ୍ ଏନ୍‌ସେଫାଲାଇଟ୍ସ

ଜାପାନିଜ୍ ଏନ୍‌ସେଫାଲାଇଟ୍ସ (ଜେ.ଇ) ଏକ ଭୂତାଣୁ ଜନିତ ରୋଗ। ସାଧାରଣତଃ ଘୁଷୁରୀ ଓ ପକ୍ଷୀମାନଙ୍କ ଦେହରେ ଏହି ଭୂତାଣୁ ଥାଏ। ଘୁଷୁରୀଠାରୁ କିମ୍ବା ପକ୍ଷୀମାନଙ୍କଠାରୁ ମଶା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ। ଏକ ପ୍ରକାର କ୍ୟୁଲେକ୍ସ ପ୍ରଜାତିର ମଶା କାମୁଡ଼ିବା ଦ୍ୱାରା ଏହି ରୋଗ ହୋଇଥାଏ। ସନ୍ଧ୍ୟାବେଳ ସମୟରେ ସାଧାରଣତଃ ଏହି ମଶା କାମୁଡ଼ିଥାନ୍ତି। ମୁଖ୍ୟତଃ ୧-୧୫ ବର୍ଷର ପିଲାମାନେ ଏହି ରୋଗରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ତେବେ ଜାପାନିଜ ଏନ୍‌ସେଫାଲାଇଟ୍ସ (ଜେ.ଇ) ସମ୍ପର୍କରେ ଆସନ୍ତୁ ସ୍ୱାସ୍ଥ୍ୟ ସୂଚନାରୁ କିଛି ଜାଣିବା।

■■■